# ତହସିଲ କାର୍ଯ୍ୟାଳୟ, ବନ୍ତ, ଜିଲ୍ଲା-ଭଦ୍ରକ-୭୫୬୧୧୪ (ଓଡ଼ିଶା)

ବିଜ୍ଞାପନ ସଂଖ୍ୟା : ...115..........., ତା. ...11.01.2019

## ନଦୀ ବାଲି ଲିଜ୍ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବନ୍ତ ତହସିଲ ଅନ୍ତର୍ଗତ Annexure-I ରେ ଉଲ୍ଲିଖିତ ବାଲି ଉତ୍ସଗୁଡ଼ିକର **ଆସନ୍ତା (ପାଞ୍ଚ) ବର୍ଷ ୨୦୧୮-୧୯ ରୁ ୨୦୨୨-୨୩ ନିମନ୍ତେ ତହସିଲଦାର, ବନ୍ତଙ୍କ ଦ୍ୱାରା ନିଲାମ କରାଯିବ ।** ଇଚ୍ଛୁକ ବ୍ୟକ୍ତିବିଶେଷ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ (OMMC Rule - 2016)ର ଫାରମ-ଡ (Form M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମୁଦ ଦିଆ ଲଫାପାରେ ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଯେ କୌଣସି ସରକାରୀ କାର୍ଯ୍ୟ **ଦିବସରେ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ । ଦରଖାସ୍ତ ଗ୍ରହଣରେଶେଷ ତାରିଖ ତା୨୫.୦୧.୨୦୧୯ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ।** ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ **ଗ୍ରହଣୀୟ ନୁହେଁ । ଆସନ୍ତା ତା୨୮.୦୧.୨୦୧୯ ରିଖ ଦିବା ୧୧ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ** ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଓ ଦରଖାସ୍ତଗୁଡ଼ିକ ଖୋଲାଯିବ । ସେଗୁଡ଼ିକ ନିରୀକ୍ଷଣ କରାଯାଇ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ । ପ୍ରଥମ ତାରିଖରେ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା ୦୪.୦୨.୨୦୧୯ ରିଖ ଓ ଦ୍ୱିତୀୟ ଥର ନିଲାମ ହୋଇ ନ ପାରିଲେ ତୃତୀୟ ଥର ପାଇଁ ତା ୧୩.୦୨.୨୦୧୯ ରିଖରେ ଉପରୋକ୍ତ ମତେ ନିଲାମ କରାଯିବ ।

## ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ

୧. ଦରଖାସ୍ତ ଫି ସକାଶେ ଟ. ୧,୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜରୀ ଚାଲାଣ ସଂଲଗ୍ନ କରିବେ । "(0853-non Ferrus Mining & Mettugical 102-Mineral Concession fees, Rents and Royalities 0217)".

୨. ଆବେଦନକାରୀଙ୍କ ଦ୍ୱାରା କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦେବେ ।

୩. ଦରଖାସ୍ତକାରୀ, ଧାର୍ଯ୍ୟ ହୋଇଥିବା ବଇନା ରାଶି (Earnest Money) ଜମା କରି ଏହାର ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ ।

୪. ଆବେଦନକାରୀ ୧ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Minimum Guaranted Quantity) ଲଘୁ ବାଲି ଉତ୍ସ ପାଇଁ ଦେବାକୁ ଥିବା ରୟାଲଟି (Royality) ଓ ସଂପୃକ୍ତ ଆବେଦନକାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ (Additional Charge) ପରିମାଣର ଏକ ଶୋଦ୍ଧକ୍ଷମତା ପ୍ରମାଣପତ୍ର (Solvency Certificate) କିମ୍ବା ଅଠର ମାସ ନିମନ୍ତେ ସଂପୃକ୍ତ ରାଶିର ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank guarantee) ଦାଖଲ କରିବା ହେବେ । ଏହା ସହିତ ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ଦାଖଲ କରିବେ ।

OFFICE OF THE TAHASILDAR, BONTH

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ପରିସରଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ବାଲି ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ୍ ନିମିତ୍ତ ଉଦ୍ଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ ।

୩. ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ୍ ଦିଆ ଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫. ବାଲି ପାଇଁ ସର୍ବନିମ୍ନ ସରକାରୀ ରୟାଲଟି ମୂଲ୍ୟ ଘନମିଟର ପ୍ରତି (Per cubic meter) ୩୫ ଟଙ୍କା ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ ଘନମିଟର ପ୍ରତି ୫ ଟଙ୍କା ଧାର୍ଯ୍ୟ କରା ଯାଇଅଛି ।

୬. ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum additional charge) ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୭. ଯଦି ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଥାନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

୮. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

୯. ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଲିଜ୍ ଦିଆଯିବା ନିମନ୍ତେ ନିଲାମର ୭ ଦିନ ମଧ୍ୟରେ ଜଣାଇ ଦିଆଯିବ । ଆବେଦନକାରୀ, ରୟାଲଟି, ଅତିରିକ୍ତ ଦେୟ, ପରିବେଶ ପରିଚାଳନା ଅର୍ଥ (Environment management fund), ଡେଡ ରେଣ୍ଟ (Dead rent) ଓ ସରଫେସ ରେଣ୍ଟ (Surface rent) ଇତ୍ୟାଦି ପାଇଁ ଦେବାକୁ ଥିବା ଦେୟ, ସମସ୍ତ ଦେୟର ୨୫% ଏବଂ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest money)କୁ ଏକତ୍ର କରି ଅମାନତ ରାଶି (Security deposit) ଭାବରେ ରଖାଯିବ । ଏହି ଅମାନତ ରାଶି ବିନା ସୁଧ (interest free) ରେ ରଖାଯିବ । ପୁନଶ୍ଚ ଆବେଦନକାରୀ ନିଜ ଖର୍ଚ୍ଚକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ Minning plan ଓ ପରିବେଶ ମଞ୍ଜୁରୀ ହାସଲ କରିବେ । ନଚେତ୍ ଉପରୋକ୍ତ ଅମାନତ ବାଜ୍ୟାପ୍ତି କରାଯିବ । ଦରଖାସ୍ତକାରୀ, ଦରଖାସ୍ତ ବର୍ଣ୍ଣିତ ରୟାଲଟି ମୂଲ୍ୟ ଅନୁଯାୟୀ ସମସ୍ତ ସରକାରୀ ଦେୟ ନିୟମ ଅନୁଯାୟୀ ପୈଠ କରିବେ ।

୧୦. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Orissa pollution control board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୧. ନିଲାମଧାରୀ ସମସ୍ତ (clearance) ଦେୟ ଜମା କରିବା ପରେ ସେ ଫାରମ ଢ (Form N)ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ୍ (ରେଜିଷ୍ଟ୍ରେସନ୍ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ- ୧୮୯୦ ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ ୧୫ ତାରିଖ ପୂର୍ବରୁ ପୈଠ କରିବା ହେବେ ।

୧୨. ଲିଜ୍‌ଧାରୀ ଦାଖଲ କରୁଥିବା ସମସ୍ତ ଦେୟ, ଯଥା-ରୟାଲଟି ଓ ଅନ୍ୟାନ୍ୟ ଦେୟର ୨% ଆୟ କର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୩. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟର ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସମ୍ମୁଖରେ ସୂଚନା ଫଳକ (display board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୧୪. ଉପରୋକ୍ତ ସମସ୍ତ ସର୍ତ୍ତାବଳି ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ବାଲି ଉଠାଇ ପାରିବେ ନାହିଁ ।

୧୫. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳି ଓ ଅନ୍ୟାନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଖୋଲି ପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ୍ (bhadrak.nic.in)ରେ ଦେଖିପାରିବେ ।

୧୬. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ୍ ଗ୍ରହିତା, ଓଡ଼ିଶା ଲଘୁ ଖଣିଜ ନିୟମ ୨୦୧୬ ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୭. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର ଓ କ୍ଷମତା ଉକ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ୍ ବାତିଲ ବା ସ୍ଥଗିତ କରିପାରିବେ ।

୧୮. ଆବେଦନକାରୀ ଡ୍ରପ୍ ବାକ୍ସରେ ପକାଉଥିବା ଲଫାପା ଉପରେ ସୈରାତ ଉତ୍ସ କେସ ନମ୍ବର ଓ ସୈରାତର ନାମ ଲେଖିବାକୁ ଅନୁରୋଧ ।

OFFICE OF THE TAHASILDAR BONTH

ତହସିଲଦାର, ବନ୍ତ
Tahasildar Bonth,

ଜ୍ଞାପକ ସଂଖ୍ୟା...116(3)..., ତା...11.01.2019...

ଏହାର ନକଲ ଓ ଫାରମ-ଡ (Form-M)ର ନକଲ ଜିଲ୍ଲାପାଳ, ଭଦ୍ରକ / ଉପ ଜିଲ୍ଲାପାଳ, ଭଦ୍ରକ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବନ୍ତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବନ୍ତ
Tahasildar Bonth,

ଜ୍ଞାପକ ସଂଖ୍ୟା...117..., ତା...11.01.2019

ଏହାର ନକଲ ଗୋଷ୍ଠୀ ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ବୋର୍ଡ / ବନ୍ତ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଗଲା । ଏହାର ନକଲ ସଂପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବନ୍ତ
Tahasildar Bonth.

# List of Minor Minerals under Bonth Tahasil for Lease :- 2018-19.

| Sl No | Name of Sairat Source | Village | Sairat Case No. | Khata No | Plot No | Area | Kissam | Minimum Guaranteed in C.M per annum | Rate of Royalty per C.M Rs . | Minimum Addl.5% Charge be quoted | EMD in Rs 5% of (Col No.10+11)*Col.9 In Rs. | Solvency Certificate in Rs. | Auction Date |
|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| 01 | Sand in River, Kandaba | Kandaba | 02/2017-18 | 395 | 899<br>897 | Ac.6.30<br>Ac.6.10<br>Total Ac.12.10 | Nadi | 4000 CM | 35/- | Rs.1.75 @Rs.2.00 | 7,400 | 5 lakh | **28.01.2019** |
| 02 | Sand in River, Mohantipada | Mohantipada | 04/2017-18 | 817 | 2228<br>3108 | Ac5.40<br>Ac.7.10 | Nadi | 3000CM | 35/- | Rs.1.75 @Rs.2.00 | 6,105 | 5 lakh | **28.01.2019** |
| 03 | Sand in River, Chakrapadhi | Chakrapadhi | 06/2017-18 | 419 | 1243<br>1106 | Ac.8.30<br>Ac.4.30<br><br>Total Ac.12.60 | Nadi | 4000 CM | 35/- | Rs.1.75 @Rs.2.00 | 3,700 | 5 lakh | **28.01.2019** |
| 04 | Sand in River, Charigan | Charigan | 07/2017-18 | 551 | 01<br>02<br>791 | Ac.3.38<br>Ac.2.63<br>Ac.6.45<br>Total-Ac.12.46 | Nadi | 6000 CM | 35/- | Rs.1.75 @Rs.2.00 | 11,100 | 5 lakh | **28.01.2019** |

11/1/19

TAHASILDAR, BONTH

Tahasildar Bonth.

# FORM – M
## Application for grant of Quarry Lease
[*See* rule 27(4)]

To

........................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................... years over..............hectares of land in the area specified in the *Annexure* given below:
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at.............and a receipted challan bearing No.......... dated.......is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant....................................................

   (ii) Nationality of the applicant............................................................

   (iii) Profession of the applicant...........................................................

   (iv) Particulars of the areas, mineral wise, within the State for which the applicant or any person having joint interest with him..............................................

   a) Already holds a quarry lease....................................................

   b) Has already applied for a quarry lease but not granted ..........................

   c) Being applied for simultaneously..............................................

   d) Nature of joint interest, if any................................................

   (v) Means by which the minor minerals is/are to be raised, i.e. whether manual or mechanical.......................

   (vi) Manner in which the minor mineral raised to be utilized-

   (a) For manufacture........................

   (b) For sale..................................

   (c) Any other purpose.....................

   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.